## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଭଞ୍ଜନଗର,୪।୭(ଡି.ଏନ.ଏ):** ଭଞ୍ଜନଗର ଥାନା ଅନ୍ତର୍ଗତ ଗୋଲାପଡ଼ାର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଗଣେଶ ବରାଡ଼ (୨୨)। ଶନିବାର ରାତିରେ ସେ ବିଷ ପିଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୋଲିସ ରବିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ନଂ. ୨୩/୨୧ରେ ଏକ ଅପମୃତ୍ୟୁ ମାମଲା କରାଯାଇଛି। ଗଣେଶ ଶନିବାର ରାତିରୁ ଘରକୁ ଫେରି ନ ଥିଲେ। ରବିବାର ସକାଳେ ଗାଁ ମନ୍ଦିର ପାଖରେ ତାଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ରମ୍ଭା ଏନ୍ଏସିରେ ମୋ ଖତ ବିକ୍ରି ଶୁଭାରମ୍ଭ

**ରମ୍ଭା,୪।୭:** ରମ୍ଭା ଏନ୍ଏସିରେ ମୋ ଖତ ବିକ୍ରି ଆରମ୍ଭ ହୋଇଛି। ଏନଏସିର ପ୍ରତି ଘରୁ ସଂଗୃହୀତ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁକୁ ସଂଗ୍ରହ କରାଯାଇ ବ୍ୟାଟେରି ଚାଳିତ ଗାଡ଼ିରେ ଜୈବିକ ଖତ ପ୍ରସ୍ତୁତି କେନ୍ଦ୍ରକୁ ନିଆଯାଉଛି। ସେଠାରେ ପ୍ରସ୍ତୁତ ଖତ ବିକ୍ରି କରାଯାଉଛି। ଏନଏସିରେ ଏ ପର୍ଯ୍ୟନ୍ତ ୧ଲକ୍ଷ ୨୨ ହଜାର ଟଙ୍କାର ଖତ ଟାଙ୍ଗୀ ଓ ରମ୍ଭା ବନ୍ୟପ୍ରାଣୀ ଓ ବନାଞ୍ଚଳ ବିଭାଗକୁ ବିକ୍ରି କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପ୍ନାରାଣୀ ପାଢ଼ୀ ପ୍ରକାଶ କରିଛନ୍ତି। ଆଗକୁ ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଏହି ଖତ ଆବଶ୍ୟକ କଲେ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ ବୋଲି ସେ ଜଣାଇଛନ୍ତି।

### ୧୪ରେ ଗଞ୍ଜାମ ଏନ୍ଏସି ଘେରାଉ

**ଗଞ୍ଜାମ,୪।୭(ଡି.ଏନ୍.ଏ.):** ୧୦ ଦଫା ଦାବି ନେଇ ଗଞ୍ଜାମ ବ୍ଲକ ଭାଜପା ୧୪ ତାରିଖରେ ସ୍ଥାନୀୟ ଏନ୍ଏସି ଘେରାଉ କରିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଗଞ୍ଜାମ ଏନ୍ଏସି ଭାଜପା ମଣ୍ଡଳ ସଭାପତି ସୁଦାମ ଚରଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ନେତା ପ୍ରଶାନ୍ତ କର, ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ଭାଜପା ଜିଲା ସମ୍ପାଦକ ଭୀମସେନ ବେହେରା, ହୁମା ମଣ୍ଡଳ ସଭାପତି କାନ୍ତାରି ଦଳାଇ, ପୂର୍ବତନ କାଉନ୍ସିଲର ଡି.କେ. ରାଓ, ଯୁବନେତା ଭଗବାନ୍ ପ୍ରଧାନ, ମୋର୍ଚ୍ଚା ସଭାପତି ନିରଞ୍ଜନ ତରାଇ, ପୂର୍ବତନ କାଉନ୍ସିଲର ରଞ୍ଜନ ବେହେରା, ବିକ୍ରମ ମହାରଣା, ମନୋଜ ବେହେରା ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ। ଭେଣ୍ଡିଂ ଜୋନ୍ ନିର୍ମାଣ, ସହରରେ ଥିବା ଉଠା ଦୋକାନୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ସହାୟତା ସାର୍ବଜନୀନ ଆଦି ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରାଯିବା ସହ ଏନ୍ଏସି ଘେରାଉ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

### ଲଘୁ ଖଣିଜ ଚୋରି ରୋକିବାକୁ ଗାଡ଼ି ଯାଞ୍ଚ

**ଶେରଗଡ଼,୪।୭(ଡି.ଏନ୍.ଏ.):** ଲଘୁ ଖଣିଜ ଚୋରି ରୋକିବାକୁ ଶେରଗଡ଼ ତହସିଲ ପକ୍ଷରୁ ରବିବାର ବିଭିନ୍ନ ଗାଡ଼ିର କାଗଜ ପତ୍ର ଯାଞ୍ଚ କରାଯାଇଥିଲା। ତହସିଲଦାର ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ପି. ପଞ୍ଚମା ସମସ୍ତ ୯ଜଣ ରାଜସ୍ୱ ନିରୀକ୍ଷକଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା। ଆସିକାରୁ ଶେରଗଡ଼ ସଂଯୋଗ କରୁଥିବା ଜାତୀୟ ରାଜପଥ ରାସ୍ତାରେ ଛିଡ଼ା ହୋଇଥିବା ବିଭିନ୍ନ ବାଲି, ମୋରମ ଓ ପଥର ଚାଲାଣ କରୁଥିବା ଗାଡ଼ିର ଯାଞ୍ଚ କରାଯାଇଥିଲା।

# ନିୟମକୁ ଫୁ, ଖଟୁଛନ୍ତି ଶିଶୁ ଶ୍ରମିକ

ବ୍ରହ୍ମପୁର ଅଫିସ,୪।୭

**୬ ମାସରେ ୧୦ ଉଦ୍ଧାର ହେଲେଣି**

ଶିଶୁମାନଙ୍କୁ ଅଧିକାର ଓ ସୁରକ୍ଷା ଦେବା ପାଇଁ ସରକାର ନାନା ନିୟମ କରିଛନ୍ତି। ଶିଶୁ ହସିବେ, ଭବିଷ୍ୟତରେ ବଡ଼ ମଣିଷ ହେବେ। ଅଭିଭାବକଙ୍କଠାରୁ ଆରମ୍ଭ କରି ସରକାରୀ ଅଧିକାରୀଙ୍କ ପର୍ଯ୍ୟନ୍ତ ଏହି ଧାରାରେ ବନ୍ଧା। ହେଲେ ପ୍ରକୃତପକ୍ଷେ ତୃଣମୂଳ ସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ସବୁକିଛି କେବଳ ଆଲୋଚନା ଓ ସମୀକ୍ଷାରେ ହିଁ ସୀମିତ ଥିବା ଭଳି ମନେହେଉଛି। ଶିଶୁମାନେ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପଢ଼ିବେ, ଶିକ୍ଷିତ ହେବେ ଯାହାକି ନିୟମରେ ଉଲ୍ଲେଖ ରହିଛି। ଆଜକୁ ୧୫ ବର୍ଷ ହେଲା ନିୟମ କରି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କାମ ଅଭାବ ଯୋଗୁ ଅନେକ ପରିବାର ଏବେ ବି ପେଟକୁ ଦାନାମୁଠେ ଯୋଗାଡ଼ କରିପାରୁନାହାନ୍ତି। ଶ୍ରମିକ ଭାବେ ସେମାନଙ୍କ ଶିଶୁ ଖଟିଲେ ପେଟକୁ ଦାନା ଯାଉଛି। କାମଠାରୁ ଆରମ୍ଭ କରି ଖାଦ୍ୟ ଯୋଗାଣ ପର୍ଯ୍ୟନ୍ତ ସବୁକିଛି ସରକାର ଯୋଗାଇ ଦେଉଥିଲେ ବି ତାହା କାମରେ ଆସୁନି। ସରକାରୀ ନିୟମ କଡ଼ାକଡ଼ି ହେଉ ନ ଥିବାରୁ କେହି ଏହାକୁ ମାନୁନାହାନ୍ତି।

୨୦୦୬ ଜୁଲାଇ ୧୦ରେ ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଉଲ୍ଲେଖ ଥିଲା ୧୪ ବର୍ଷରୁ କମ ବୟସ୍କ ବାଳିକାବାଳକମାନଙ୍କୁ ଶ୍ରମିକ ଭାବେ କାର୍ଯ୍ୟରେ ଲଗାଇଲେ ସମ୍ପୃକ୍ତ ମାଲିକଙ୍କ ବିରୋଧରେ ୩ ମାସରୁ ୧ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ୧୦ ହଜାରରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ ହେବା ପାଇଁ ନିୟମ ରହିଛି। ହେଲେ ଏହି ନିୟମ ଠିକ୍‌ଭାବେ କାର୍ଯ୍ୟକାରୀ ହେଉ ନ ଥିବା ବେଳେ ଏହାର କୌଣସି ପ୍ରଭାବ ପଡୁନଥିବା ଦେଖିବାକୁ ମିଳୁଛି। ଦୀର୍ଘ ୧୫ ବର୍ଷ ବିତିଯାଇଥିଲେ ମଧ୍ୟ ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର ସମେତ ଜିଲାର ପ୍ରମୁଖ ସ୍ଥାନରେ ଥିବା ବିଭିନ୍ନ ହୋଟେଲ, ଛୋଟ ବଡ କାରଖାନା, କଂସେଇ ଶାଳ ଇତ୍ୟାଦିରେ ୧୪ ବର୍ଷରୁ କମ ବୟସ୍କର ବାଳିକାବାଳକମାନେ କାମ କରୁଥିବା ଦେଖିବାକୁ ମିଳୁଛି।

ଜିଲାର ବିଭିନ୍ନ ଗ୍ରାମାଞ୍ଚଳର ସ୍ଥିତି ଏଭଳି ଥିବା ଦେଖିବାକୁ ମିଳିଛି। ସରକାରୀ ଘୋଷଣାର ୧୫ ବର୍ଷ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୋମଳମତି ବାଳିକାବାଳକ ଶିଶୁ ଶ୍ରମିକ ଭାବେ ବିଭିନ୍ନ ସଂସ୍ଥାରେ କାମ କରି ନିର୍ଯାତନାର ଶିକାର ହେଉଛନ୍ତି। ଏନେଇ ବ୍ରହ୍ମପୁର ଶ୍ରମ ଅଧିକାରୀ ବାବୁ ଚରଣ ପାତ୍ରଙ୍କୁ ପଚାରିବାରୁ ମୁସ୍କାନ ଓ ବଚପନ୍ ବଚାଓ ଯୋଜନାରେ ବିଭିନ୍ନ ଅନୁଷ୍ଠାନରେ କାମ କରୁଥିବା ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଛି। ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ମଧ୍ୟ ସେ କହିଛନ୍ତି। ସେହିପରି ୨୦୨୦ରେ ବିଭିନ୍ନ ସଂସ୍ଥାରେ କାମ କରୁଥିବା ୨୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଗତ ୬ ମାସ ମଧ୍ୟରେ ୧୦ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି ବୋଲି ସେ କହିଛନ୍ତି।

# ୮ କେନ୍ଦ୍ରରେ କୋଭାକ୍ସିନ୍ ଟିକାକରଣ

ବ୍ରହ୍ମପୁର ଅଫିସ,୪।୭

ବ୍ରହ୍ମପୁର ମହାନଗରରେ ସୋମବାରଠାରୁ କୋଭାକ୍ସିନ ଟିକାକରଣ ଆରମ୍ଭ ହେବ ବୋଲି ରବିବାର ବ୍ରହ୍ମପୁର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ସୂଚନା ମିଳିଛି। ଜୁନ୍ ୨୯ରୁ ମହାନଗରରେ କୋଭିଡ୍ ଟିକାକରଣ ପ୍ରକ୍ରିୟା ବନ୍ଦ ରହିଥିଲା। ସୋମବାରଠାରୁ ଆରମ୍ଭ ହେବାକୁ ଥିବା କୋଭାକ୍ସିନ ଟିକା ସହରର ଆଗା ସାହି, ଆମ୍ବପୁଆ, ଆସିକା ରୋଡ୍, ବୈକୁଣ୍ଠ ନଗର, ଗୁଡ୍‌ଶେଡ୍ ରୋଡ୍, ଉତ୍ତରାମୁଖୀ, ଖୋଡ଼ାସିଙ୍ଗି ଓ ରେଡ୍‌କ୍ରସ ୟୁପିଏଚ୍‌ସି ଟିକାକରଣ କେନ୍ଦ୍ରରେ ପ୍ରଦାନ କରାଯିବ। ତେବେ ବିଏମ୍ସି ପକ୍ଷରୁ ୨୪୦୦ ଜଣଙ୍କୁ କୋଭାକ୍ସିନ ଟିକାକରଣ ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଥିମଧ୍ୟରୁ ୧୬୦୦ ଜଣଙ୍କୁ ଅନ୍‌ଲାଇନ ଓ ୮୦୦ ଜଣଙ୍କୁ ସ୍ପଟ୍ ଟିକାକରଣ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ସେହିପରି ସୋମବାରଠାରୁ କୋଭିଶିଲ୍ଡର ଦ୍ୱିତୀୟ ଡୋଜ୍ ଟିକାକରଣ ମଧ୍ୟ ଆରମ୍ଭ ହେବ। ଗିରିରୋଡ୍ ହାଇସ୍କୁଲ, ଇଞ୍ଜିନିୟରିଂ ସ୍କୁଲ, ଗୁରୁକୁଳ ଇଣ୍ଟରନ୍ୟାଶନାଲ ସ୍କୁଲ, ରାମଲିଙ୍ଗମ୍ ପାର୍କ ଆଦି ଟିକାକରଣ କେନ୍ଦ୍ରରେ କୋଭିଶିଲ୍ଡର ଦ୍ୱିତୀୟ ଡୋଜ୍ ଦିଆଯିବ। କୋଭିଶିଲ୍ଡ ଟିକାକରଣ ପାଇଁ ୨୪୦୦ ଜଣଙ୍କୁ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିମଧ୍ୟରୁ ଅନ୍‌ଲାଇନ ମାଧ୍ୟମରେ ୧୨୦୦ ଓ ସ୍ପଟ୍‌ରେ ୧୨୦୦ ଜଣଙ୍କୁ ଟିକାକରଣ ନେଇ ଲକ୍ଷ୍ୟ ରଖାଯାଇଥିବା ବିଏମ୍ସି ପକ୍ଷରୁ ସୂଚନା ମିଳିଛି। କୋଭାକ୍ସିନର ପ୍ରଥମ ଡୋଜ୍ ଓ କୋଭିଶିଲ୍ଡର ଦ୍ୱିତୀୟ ଡୋଜ୍ ଟିକାକରଣ ପାଇଁ ରବିବାର ସନ୍ଧ୍ୟା ୬ଟାରୁ ସ୍ଲଟ୍ ବୁକିଂ ଆରମ୍ଭ ହୋଇଛି। ଏଥିସହ ସହରବାସୀ ସୋମବାରଠାରୁ ନିକଟସ୍ଥ ଟିକାକରଣ କେନ୍ଦ୍ରକୁ ଯାଇ ମଧ୍ୟ ସ୍ପଟ୍ ପଞ୍ଜୀକରଣ କରିପାରିବେ ବୋଲି ବିଏମ୍ସି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



BERHAMPUR MUNICIPAL CORPORA...
@BrahmapurCorp

Online slots are open for booking of 2nd dose (Covishield) and 1st dose (Covaxin), slots will be opened at 6PM today. Citizens are requested to book slots online as well as can visit nearest Vaccination Centre directly for on spot Vaccination. @Ganjam_Admin @DRDAGanjam @sdmbam

Vaccination Schedule_BeMC Berhampur_05-Jul-21

| Sl. No | Name of the Vaccination Centre | Allocation Online | Allocation On Spot | Total | Vaccine Type | Dose |
|---|---|---|---|---|---|---|
| 1 | VV Giri Middle Secondary Training School | 300 | 300 | 600 | Covishield | 2nd |
| 2 | Engineering School | 300 | 300 | 600 | Covishield | 2nd |
| 3 | Gurukul International Public School | 300 | 300 | 600 | Covishield | 2nd |
| 4 | Ram Lingam Park | 300 | 300 | 600 | Covishield | 2nd |
| 5 | UPHC Aga Sahi | 200 | 100 | 300 | Covaxin | 1st |
| 6 | UPHC Ambapua | 200 | 100 | 300 | Covaxin | 1st |
| 7 | UPHC Aska Road | 200 | 100 | 300 | Covaxin | 1st |
| 8 | UPHC Baikuntha Nagar | 200 | 100 | 300 | Covaxin | 1st |
| 9 | UPHC Goods Shed Road | 200 | 100 | 300 | Covaxin | 1st |
| 10 | UPHC Uttaramukhi | 200 | 100 | 300 | Covaxin | 1st |
| 11 | UPHC Khodasingi | 200 | 100 | 300 | Covaxin | 1st |
| 12 | UPHC Red Cross | 200 | 100 | 300 | Covaxin | 1st |
| | Total | 2800 | 2000 | 4800 | | |

1:21 PM · 04 Jul 21 · Twitter for Android

ବିଏମ୍ସି ପକ୍ଷରୁ ଟିକାକରଣ ନିମନ୍ତେ ପ୍ରଦାନ କରାଯାଇଥିବା ସୂଚନା।

### ମାସ୍କ ପିନ୍ଧି ନ ଥିବା ଟ୍ରେନ୍ ଯାତ୍ରୀଙ୍କଠାରୁ ଜରିମାନା ଆଦାୟ

ବ୍ରହ୍ମପୁର ଅଫିସ,୪।୭

କରୋନା କଟକଣା ଉଲ୍ଲଂଘନ କରିଥିବାରୁ ଟ୍ରେନ ଯାତ୍ରୀଙ୍କଠାରୁ ବ୍ରହ୍ମପୁର ଜିଆରପି ଥାନା ପୋଲିସ ଜରିମାନା ଆଦାୟ କରିଛି। ଗତ ୨୯ ତାରିଖଠାରୁ ଏଯାବତ ଜିଆରପି ପକ୍ଷରୁ ୪୭ ଜଣ ଯାତ୍ରୀଙ୍କଠାରୁ ମୋଟ ୯୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଟ୍ରେନ୍‌ରେ ଯାତ୍ରା କରିବା ବେଳେ ହେଉ କିମ୍ବା ଚଢିବା ପୂର୍ବରୁ ଏବଂ ଓହ୍ଲାଇବା ପରେ ଯାତ୍ରୀଙ୍କୁ ମାସ୍କ ପିନ୍ଧିବାକୁ ବାଧତାମୂଳକ ରହିଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଉଭୟ ରେଳ ବିଭାଗ ଓ ପୋଲିସ ପକ୍ଷରୁ ଏହି ନିୟମ କଡାକଡି କରାଯାଉଛି। ହେଲେ କେତେକ ଯାତ୍ରୀ କରୋନା କଟକଣାକୁ ନ ମାନି ଖାମଖିଆଲ ମନୋବୃତ୍ତି ନେଇ ରେଳଯାତ୍ରା କରୁଥିବା ଦେଖିବାକୁ ମିଳିଛି। ଆଉ ସେହି ଯାତ୍ରୀଙ୍କୁ ଠାବ କରି ଚ୍ମାସ୍କ ପିନ୍ଧି ନ ଥିବା ଯାତ୍ରୀଙ୍କଠାରୁ ଜିଆରପି ୨୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରୁଛି। ୨୯ ତାରିଖରେ ୧୦ ଜଣଙ୍କଠାରୁ ୨୦୦୦ ଟଙ୍କା ଆଦାୟ ହୋଇଥିବା ବେଳେ ୩୦ ତାରିଖରେ ୧୧ ଯାତ୍ରୀଙ୍କଠାରୁ ୨୨୦୦ଟଙ୍କା, ୧ ତାରିଖରେ ୭ ଯାତ୍ରୀଙ୍କ ଠାରୁ ୧୪୦୦ ଟଙ୍କା, ୨ ତାରିଖରେ ୧୦ଯାତ୍ରୀଙ୍କଠାରୁ ୨୦୦୦ ଟଙ୍କା ଓ ୩ ତାରିଖରେ ୯ ଯାତ୍ରୀଙ୍କ ଠାରୁ ୧୮୦୦ ଟଙ୍କା ଆଦାୟ କରାଯାଇଛି ବୋଲି ଜିଆରପି ଥାନା ପକ୍ଷରୁ ସୂଚନା ମିଳିଛି।

# ଫିରିଙ୍ଗିଆରେ ଗୋଷ୍ଠୀ ସଂଘର୍ଷ, ୯ ଗିରଫ

ଫୁଲବାଣୀ ଅଫିସ, ୪।୭

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ କେଳାପଡା ଅଞ୍ଚଳରେ ଶୁକ୍ରବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ଘଟଣାରେ ପୋଲିସ ଉଭୟ ପକ୍ଷରୁ ୯ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଫିରିଙ୍ଗିଆ ଥାନା ଗଞ୍ଜୁପାଙ୍ଗା ଗାଁର ଭ୍ରମର ଦିଗାଳ, ବେଲାରସେନ ଦିଗାଳ, ପ୍ରତାପ ଦିଗାଳ, ବାଳକୃଷ୍ଣ ଦିଗାଳ, କେଳାପଡା ଗାଁର ଟୁକୁନା ଦିଗାଳ, ଆନନ୍ଦେଶ୍ୱର ନାଏକ, ଅଶ୍ୱଜିତ ନାଏକ, ରାକେଶ ପ୍ରଧାନ ଓ ଆମ୍ବେଦକର ବାଗ । ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

କେଳାପଡା ଗାଁର ଟୁକୁନା ଓ ଆନନ୍ଦେଶ୍ୱର ଗତ ବର୍ଷ ଗଞ୍ଜେଇ ଚୋରାଚାଲାଣ କରୁଥିବା ବେଳେ ରାଇକିଆ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ । ଜେଲ ଯିବା ଘଟଣାକୁ ନେଇ ତାଙ୍କ ବିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଦୀର୍ଘଦିନ ଧରି କୁହୁଳୁଥିବା ଅସନ୍ତୋଷ ଶୁକ୍ରବାର ଉଗ୍ରରୂପ ଧାରଣ କରିଥିଲା । ଉଭୟ ଗୋଷ୍ଠୀ ମାରପିଟ ହେବାରୁ ପ୍ରାୟ ସମସ୍ତେ ଆହତ ହୋଇଥିଲେ । ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ଫିରିଙ୍ଗିଆ ଥାନାରେ ଏତଲା ଦିଆଯାଇଥିଲା । ପୋଲିସ ପୃଥକ ଦୁଇ ମାମଲା ନଂ.୭୪/ ଏବଂ ୭୬/୨୧ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଥାନାଧିକାରୀ ପି. ଶ୍ୟାମ ସୁନ୍ଦର ରାଓଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଉଭୟ ଗୋଷ୍ଠୀର ୯ ଜଣଙ୍କୁ ଗିରଫ କରାଯାଇଛି।

# ଛତ୍ରପୁରରୁ ଉଦ୍ଧାର, ଏମ୍‌କେସିଜିରେ ଭର୍ତ୍ତି

ବ୍ରହ୍ମପୁର ଅଫିସ,୪।୭

**ମେଡିକାଲରୁ ଯୁବକ ନିଖୋଜ ଘଟଣା**

ଏମ୍‌କେସିଜି ମେଡିକାଲରୁ ନିଖୋଜ ଜଣେ ରୋଗୀଙ୍କୁ ରବିବାର ଛତ୍ରପୁରରୁ ଉଦ୍ଧାର କରାଯାଇଛି। ତାଙ୍କୁ ପୁଣି ଏମ୍‌କେସିଜିକୁ ଅଣାଯାଇଛି। ସମ୍ପୃକ୍ତ ରୋଗୀ ନାବାଳକ ବୋଲି କୁହାଯାଉଥିଲା। କିନ୍ତୁ ପ୍ରମାଣପତ୍ର ଯାଞ୍ଚ ପରେ ତାଙ୍କ ବୟସ ୨୨ବର୍ଷ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ସୁବୋଧ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଯୁବକଙ୍କ ଘର ତ୍ରିପୁରା ହୋଇଥିବା ବେଳେ ତାଙ୍କ ପରିବାରବର୍ଗଙ୍କୁ ସୂଚନା ଦିଆଯାଇଥିବା ଡିସିପିଓ କହିଛନ୍ତି। ସୂଚନା ଅନୁସାରେ, ଗତ ୧୯ ତାରିଖରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ବଡ଼ବଜାର ଅଞ୍ଚଳର ଏକ ରାସ୍ତାକଡ଼ରୁ ଜଣେ ଅସହାୟ ପିଲାକୁ ଉଦ୍ଧାର କରିଥିଲେ। ବିଧାୟକ ଏ ନେଇ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପିଲାଟି ନାବାଳକ ବୋଲି ଅନୁମାନ କରି ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚାଇଲ୍‌ଡ ଲାଇନ୍‌କୁ ହସ୍ତାନ୍ତର କରାଯାଇଥିଲା। ସିଡବ୍ଲ୍ୟୁସିର ନିର୍ଦ୍ଦେଶକ୍ରମେ ଗତ ୨୦ ତାରିଖରେ ଚାଇଲ୍‌ଡ ଲାଇନ୍ ଲାଞ୍ଜିପଲ୍ଲୀରେ ଥିବା ଦିବ୍ୟଜ୍ୟୋତି ଆଶ୍ରୟସ୍ଥଳୀ କର୍ତ୍ତୃପକ୍ଷଙ୍କୁ ନାବାଳକଙ୍କୁ ହସ୍ତାନ୍ତର କରିଥିଲା। ବ୍ରହ୍ମପୁର ଚାଇଲ୍‌ଡ ଲାଇନ୍ ନାବାଳକଠାରୁ ସଂଗ୍ରହ କରିଥିବା ତଥ୍ୟକୁ ଆଧାର କରି ତାଙ୍କ ଘର ଠିକଣା ବାହାର କରିଥିଲା। ନାବାଳକଙ୍କ ଘର ତ୍ରିପୁରାର ଖୋୱାଇ ଜିଲା ବୋଲି ଜଣାପଡ଼ିଥିଲା। ପ୍ରାୟ ୨ମାସ ପୂର୍ବରୁ ସେ ତାଙ୍କ ଘରୁ ଚାଲି ଆସିଥିବା ଜଣାପଡ଼ିଥିଲା। ବୟସ ପ୍ରମାଣପତ୍ର ଯାଞ୍ଚ ପରେ ସେ ଯୁବକ ଓ ତାଙ୍କ ନାମ ପ୍ରସନ୍ନଜିତ ବିଶ୍ୱାସ ବୋଲି ସୂଚନା ମିଳିଛି। ପ୍ରସନ୍ନଜିତ ଅସୁସ୍ଥ ଥିବାରୁ ତାଙ୍କୁ ଗତ ୨୨ ତାରିଖରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେହିଦିନ ସେ ନିଖୋଜ ହୋଇଯାଇଥିଲେ। ଫଳରେ ପରିବାରବର୍ଗଙ୍କ ସହିତ ଆଉ ଯୋଗାଯୋଗ ହୋଇପାରି ନ ଥିଲା। ଏହି ଘଟଣାକୁ ନେଇ ଆଶ୍ରୟସ୍ଥଳୀ ତରଫରୁ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରାଯାଇଥିଲା। ନଂ.୧୫୨/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

# ତ୍ରିଧାରା ସାହିତ୍ୟ ସଂସଦର ଜାତୀୟ ଆଲୋଚନାଚକ୍ର





ଆଲୋଚନା ଚକ୍ରରେ ସଂସଦର କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ,୪।୭

ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ରବିବାର ଭିଡିଓ କନ୍‌ଫରେନ୍ସରେ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଘ୍ନେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ସାମ୍ପ୍ରତିକ ସାହିତ୍ୟର ଧାରା ସମ୍ପର୍କିତ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଉତ୍ତରାଖଣ୍ଡ କୁମାୟୁନ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଇଂଲିଶ ବିଭାଗ ପ୍ରଫେସର ଡ.ଏସ୍.ଏ. ହମିଦ ଉଦ୍‌ଘାଟକ ରୂପେ ଯୋଗ ଦେଇ ସାମ୍ପ୍ରତିକ ସାହିତ୍ୟରେ ନାରୀ ତଥା କିନ୍ନର ବିଭିନ୍ନ ରକ୍ଷଣଶୀଳତାର ଲକ୍ଷ୍ମଣରେଖା ଭିତରେ ଆଜି ବି ସେମାନେ କିପରି ଅଛନ୍ତି ସେ ନେଇ ମତ ରଖିଥିଲେ। ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ.ରବୀନ୍ଦ୍ର କୁମାର ଦାସ ଯୋଗ ଦେଇ ମନୋରଞ୍ଜନ ମିଶ୍ରଙ୍କ ନାଟକ 'ନନ୍ଦିକାକେଶରୀ' ଓ ଭୀମ ପୃଷ୍ଟିଙ୍କ 'ସମୁଦ୍ର ମଣିଷ' ଉପନ୍ୟାସରେ କିଭଳି ନୂତନ ଧାରାର ପ୍ରୟୋଗ କରାଯାଏ ତାହାକୁ ଆଲୋଚନା କରିଥିଲେ। ସେହିପରି ଆସାମ ବୋଡ଼ଲେଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ସହକାରୀ ପ୍ରଫେସର ଦେବଜ୍ୟୋତି ବିଶ୍ୱାସ ଭାଷା ସାହିତ୍ୟ କ୍ଷେତ୍ରରେ ଉତ୍ତର ପୂର୍ବ ଭାରତର ଅନ୍ତଃରାଷ୍ଟ୍ରୀୟ ତଥା ଆନ୍ତଃ ଆଞ୍ଚଳିକ ସମନ୍ୱୟ, ବିବିଧତା ଉପରେ ଭାଷା ସଂସ୍କୃତିର ପ୍ରୟୋଗ କିଭଳି ରହିଛି ତାହା ଅଧୁନା ଗବେଷଣାରେ ଗୁରୁତ୍ୱ ଦିଆଯାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସଦ ସମ୍ପାଦକ ଡ.ଲକ୍ଷ୍ମୀ ନାରାୟଣ ଦାଶଙ୍କ ସମେତ ଚନ୍ଦନା ପଣ୍ଡା, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ବିନାୟକ ଦାଶ, ସୁକାନ୍ତ ଦାଶ, ଡ.ସଞ୍ଜୟ କୁମାର ପଣ୍ଡା, ଡ.ବିଘ୍ନେଶ୍ୱର ଆଚାର୍ଯ୍ୟଙ୍କ ସମେତ ସଂସଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଆଜିଠୁ ପିଜି ଇଣ୍ଟରନାଲ ପରୀକ୍ଷା

ବ୍ରହ୍ମପୁର ଅଫିସ,୪।୭

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ପ୍ରଥମ ସେମିଷ୍ଟର ଇଣ୍ଟରନାଲ ପରୀକ୍ଷା ସୋମବାର ଅନ୍‌ଲାଇନ୍ ମାଧ୍ୟମରେ ଆରମ୍ଭ ହେବ। ଏନେଇ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ଼. ସୁରେନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ପରୀକ୍ଷା ନିୟନ୍ତ୍ରକଙ୍କ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ୯୫୦ ଛାତ୍ରୀଛାତ୍ର ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା ଦେବେ। ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଓ ସମସ୍ତ ବିଭାଗୀୟ ମୁଖ୍ୟ ଇଣ୍ଟରନାଲ ପରୀକ୍ଷାର ଦାୟିତ୍ୱ ନିର୍ବାହ କରିବେ। ପରୀକ୍ଷା ନିର୍ଦ୍ଧାରିତ ସମୟ ୫ ମିନଟ ପୂର୍ବରୁ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିବା ୱେବ୍‌ସାଇଟରେ ମିଳିବ। ପରୀକ୍ଷାର୍ଥୀ ନିଜର ସମ୍ପୂର୍ଣ୍ଣ ପରିଚୟ ବିବରଣୀ ସହ ଉତ୍ତର ଖାତା ସଂଖ୍ୟା ଉଲ୍ଲେଖ କରି ପିଡ଼ିଏଫ ଦ୍ୱାରା ୱେବ୍‌ସାଇଟରେ ଦାଖଲ କରିବେ । ଏଥିନିମନ୍ତେ ପରୀକ୍ଷାର୍ଥୀଙ୍କୁ ୧୫ ମିନଟ ସମୟ ଦିଆଯାଇଥିବା ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କଠାରୁ ପ୍ରକାଶ।

# ବନ ମହୋତ୍ସବ ସପ୍ତାହ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ

ବୁଗୁଡ଼ା,୪।୭(ଡି.ଏନ.ଏ.)

ଦକ୍ଷିଣ ଘୁମୁସର ବନଖଣ୍ଡ ସୌଜନ୍ୟରେ ବୁଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟ ତରଫରୁ ୭୨ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ବନ ବିଭାଗର କ୍ଷେତ୍ରୀୟ ପରିଚାଳନା ସଭାଗୃହରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଦକ୍ଷିଣ ଘୁମୁସର ବନଖଣ୍ଡ ଭାରପ୍ରାପ୍ତ ଅଧିକାରୀ ଶଙ୍କର୍ଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସ୍ଥାନୀୟ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବନଖଣ୍ଡ ଅଧିକାରୀଙ୍କ ସମେତ ଭଞ୍ଜନଗର ଫରେଷ୍ଟ କର୍ପୋରେଶନ ଏସଡିଏମ ଭବାନୀ ଶଙ୍କର ଦାଶ, ଅଗ୍ନିଶମ ବିଭାଗ ଅଧିକାରୀ ସଞ୍ଜୟ କୁମାର ରାଉତ, ପୋଲସରା ବନାଞ୍ଚଳ ଅଧିକାରୀ ସଚିନ ପ୍ରଧାନ ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ସପ୍ତାହ ପାଳନର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଏହି ଅବସରରେ ସ୍ଥାନୀୟ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ଶତାଧିକ ଚାରା ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବନପାଳ ଅଭିରାମ ଖିଲ, ସୁନିତା ପାତ୍ର, ଭୋଳେଶ୍ୱର ମଲିକ, ସରସ୍ୱତୀ ନାୟକ, ସୁବ୍ରତ ତ୍ରିପାଠୀଙ୍କ ସମେତ ସମସ୍ତ ବନରକ୍ଷୀ, ଭିଏସ୍ଏସ୍ କର୍ମକର୍ତ୍ତା ଓ ଅନ୍ୟାନ୍ୟ ବନ କର୍ମଚାରୀ, ଅଗ୍ନିଶମ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସପ୍ତାହବ୍ୟାପୀ ବନ ମହୋତ୍ସବ ଅବସରରେ ଲକ୍ଷାଧିକ ଚାରା ରୋପଣ କରାଯିବ ବୋଲି ଅଧିକାରୀ ଫକୀର ଚରଣ ବେହେରା କହିଛନ୍ତି।

# ନେଟୱର୍କ ନାହିଁ, ପାହାଡ଼ ଉପରେ ପଢୁଛନ୍ତି ପିଲା

ଆର.ଉଦୟଗିରି,୪।୭(ଡି.ଏନ.ଏ.)

ମୋହନା ବ୍ଲକର ଅନ୍ତର୍ଗତ ହୁରୁଗୁଡା, ଜାମଲିଙ୍ଗ ଓ ଜାନାଖାଲ ଗାଁ ସମେତ ପ୍ରାୟ ୧୮ ରୁ ଊର୍ଦ୍ଧ୍ୱ ଗାଁ ଗୁଡିକରେ ନେଟୱର୍କ ସୁବିଧା ନାହିଁ। ଛାତ୍ରୀଛାତ୍ରମାନେ ଗାଁ ଠାରୁ ପ୍ରାୟ ୫ରୁ ୮ କିଲୋମିଟର ଦୂର ବାପିଗଣ୍ଡା ପାହାଡ଼ ଉପରକୁ ଯାଇ ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି। ସେହିପରି ଆର.ଉଦୟଗିରି ବ୍ଲକ ରାମଗିରି, ମଙ୍ଗରାଜପୁର ଓ ସୁଭଲଡ଼ା ପଞ୍ଚାୟତର ଅଧିକାଂଶ ଗାଁରେ ନେଟୱର୍କ ନଥିବାରୁ ଛାତ୍ରୀଛାତ୍ରମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ମଙ୍ଗରାଜପୁର ପଞ୍ଚାୟତ ତରଳସିଂ ଗାଁରେ ନେଟୱାର୍କ ନ ଥିବାରୁ ବିଭିନ୍ନ ଅଞ୍ଚଳର ପିଲାମାନେ ମିଶି ଜଙ୍ଗଲରୁ କାଠ, ବାଉଁଶ ଆଣି ନେଟୱର୍କ ଆସୁଥିବା ସ୍ଥାନରେ ଏକ ମଞ୍ଚା ତିଆରି କରି ପଢୁଛନ୍ତି। ବର୍ଷା, ପବନ, କାଳବୈଶାଖୀ ହେଲେ ପଢ଼ା ମଧ୍ୟ ବନ୍ଦ। ଅଧିକାଂଶ ଅଭିଭାବକ ଗରିବ ହୋଇଥିବାରୁ ନିଜ ପିଲାମାନଙ୍କୁ ମୋବାଇଲ ଯୋଗାଇ ପାରୁନାହାନ୍ତି। ତେଣୁ ଗୋଟିଏ ମୋବାଇଲରେ ୪ ରୁ ୫ ଛାତ୍ରୀଛାତ୍ର ମିଶି ପଢୁଛନ୍ତି। ତେଣୁ ପଢିବା ପାଇଁ ନେଟୱର୍କର ସୁବିଧା ଯୋଗାଇ ଦେବା ସହ ଗରିବ ଛାତ୍ରୀଛାତ୍ରମାନଙ୍କୁ ମୋବାଇଲ ଫୋନ ଦେବାକୁ ପ୍ରଶାସନ ନିକଟରେ ଦାବି ହୋଇଛି।





ପାହାଡ଼ ଉପରେ ପାଠ ପଢୁଛନ୍ତି ଛାତ୍ରୀଛାତ୍ର।

# ବାପୁଜୀ ଆଶ୍ରମ ହେଉଛି ନବକଳେବର

ବ୍ରହ୍ମପୁର ଅଫିସ,୪।୭

- ଗଞ୍ଜାମ ଜିଲା କଂଗ୍ରେସର ଫଳକ ଭଙ୍ଗା ରାଜନୀତି
- ଗଠନ ହୋଇନି ଜିଲା କମିଟି

ଗଞ୍ଜାମ ଜିଲା କଂଗ୍ରେସର ଫଳକ ଭଙ୍ଗା ରାଜନୀତି ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଦଳର ନୂଆ ସଭାପତି ହେବା ପରେ ବ୍ରହ୍ମପୁରସ୍ଥ କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମକୁ ପୁନରୁଦ୍ଧାର ତଥା ନବକଳେବର କରାଯାଉଛି। ସୂଚନାଯୋଗ୍ୟ, ନବେ ଦଶକ ଦ୍ୱିତୀୟ ଭାଗରେ ସ୍ୱର୍ଗତ ଅଲେଖ ଚୌଧୁରୀ ଜିଲା କଂଗ୍ରେସ ସଭାପତି ହେବା ପରେ ବହୁ ବର୍ଷର ବାପୁଜୀ ଆଶ୍ରମକୁ ନୂଆ ରୂପ ଦେଇଥିଲେ। ରାଜନୀତି ସମୀକରଣରେ ସେ ୨୦୧୪ ନିର୍ବାଚନ ପୂର୍ବରୁ ଦଳ ଛାଡ଼ି ବିଜେଡିରେ ସାମିଲ ହେଲେ। ତାଙ୍କ ନାଁରେ ଲଗାଯାଇଥିବା ମାର୍ବଲ ଫଳକକୁ ସାହୁ ଓ ପଣ୍ଡା ସମର୍ଥକମାନେ ଭାଙ୍ଗି ଦେଇଥିଲେ।

ପରବର୍ତ୍ତୀ ପର୍ଯ୍ୟାୟରେ ଭଗବାନ ଗନ୍ତାୟତ ଜିଲା କଂଗ୍ରେସ ସଭାପତି ହୋଇଥିଲେ। ବାସ୍ତୁଶାସ୍ତ୍ର ଆଧାରରେ ସେ ବାପୁଜୀ ଆଶ୍ରମରେ କେତେକ କାର୍ଯ୍ୟ କଲେ। ତେଣୁ ତାଙ୍କ ନାମ ଥାଇ ଏକ ଫଳକ ଲଗାଯାଇଥିଲା। ଚନ୍ଦ୍ରଶେଖର, ବିକ୍ରମଙ୍କ ସହ ଗନ୍ତାୟତ ୨୦୧୯ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଶଙ୍ଖ ଦଳରେ ପଶିଲେ। ଏହାକୁ ସହି ନ ପାରି ପୂର୍ବତନ ଗୋପାଳପୁର ବିଧାୟକ ତ୍ରିନାଥ ବେହେରା ଓ ଆଇଏନ୍‌ଟିୟୁସି ନେତା ପୀତବାସ ପଣ୍ଡା ଗୋଷ୍ଠୀ ସେହି ଫଳକ ଭାଙ୍ଗି ଦେଇଥିଲେ। ଗତ ସାଧାରଣ ନିର୍ବାଚନରେ ଦିଲ୍ଲୀରୁ ଆମଦାନୀ ଶିଳ୍ପପତି ଚନ୍ଦ୍ରଶେଖର ନାଇଡୁ ବ୍ରହ୍ମପୁର ଲୋକ ସଭା ଆସନର କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। ତାଙ୍କ ସହାୟତାରେ ବାପୁଜୀ ଆଶ୍ରମ ପରିସରରେ ଏକ ଉନ୍ନତମାନର ଟଏଲେଟ ନିର୍ମାଣ କରାଯାଇ ନାଇଡୁଙ୍କ ନାମ ଥାଇ ଫଳକ ଲଗାଯାଇଥିଲା। ଏବେ ବାପୁଜୀ ଆଶ୍ରମ ନବୀକରଣ ପରିପ୍ରେକ୍ଷୀରେ ସେହି ଫଳକ ହଜି ଯାଇଥିବା କର୍ମୀଙ୍କ ସୂତ୍ରରୁ ଜଣାପଡ଼ିଛି। ତେଣୁ ଜିଲା କଂଗ୍ରେସର ଫଳକ ଭଙ୍ଗା ରାଜନୀତି ପଦାକୁ ଆସିଛି।

ସୂଚନାଯୋଗ୍ୟ, ରମେଶ ଜେନା ୨୦୨୦ ସେପ୍ଟେମ୍ବରରେ ଜିଲା କଂଗ୍ରେସ ସଭାପତି ହୋଇଥିଲେ। ଏହାର ୧୦ ମାସ ବିତିଛି ଏବଂ ବର୍ତ୍ତମାନ ସୁଦ୍ଧା ଜିଲା କମିଟି ଗଠନ ହୋଇନାହିଁ। ସଭାପତି ହେବା ପରେ ରମେଶ ଗତ ଜାନୁୟାରୀ ୩୦ରେ ବ୍ରହ୍ମପୁରଠାରେ ବଡ଼ ଧରଣର କର୍ମୀ ସମାବେଶ କରିଥିଲେ। ରାଜ୍ୟ ପ୍ରଭାରୀ ଡ. ଚେଲା କୁମାର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ସମେତ ଦେଢ଼ ଡଜନରୁ ଅଧିକ ନେତା ଯୋଗ ଦେଇଥିଲେ। ଖୁବ୍‌ଶୀଘ୍ର ନୂଆ କମିଟି ଓ କର୍ମକର୍ତ୍ତା ଘୋଷଣା ହେବାର ଚେଲା କୁମାର ସୂଚାଇଥିଲେ। ଏହାର ମଧ୍ୟ ୬ ମାସ ବିତିଛି ଏବଂ ଜିଲା କମିଟି କେବେ ହେବ କର୍ମୀଙ୍କ ପକ୍ଷରୁ ଅପେକ୍ଷା କରାଯାଉଛି।

ବିଳମ୍ବରେ ବ୍ଲକ ଓ ସହରାଞ୍ଚଳ ସଭାପତିଙ୍କ ନାମ ଘୋଷଣା ହୋଇଛି। ପୁଣି ନିଜ ସଂଗଠନର ଅନ୍ୟ କର୍ମକର୍ତ୍ତା ଚୟନ କରିବାକୁ ବାକି ରହିଛି। ବିଭିନ୍ନ ମାମଲାରେ ଛନ୍ଦି ହୋଇଥିବା ଜେନା ଉଚ୍ଚ ନ୍ୟାୟାଳୟରୁ ସର୍ତ୍ତମୂଳକ ଜାମିନ ପାଇଥିଲେ ମଧ୍ୟ ବ୍ରହ୍ମପୁର ସହରକୁ ପଶିବା ପାଇଁ ବାରଣ କରାଯାଇଛି। ତେଣୁ କୁକୁଡ଼ାଖଣ୍ଡି ନିକଟସ୍ଥ ତାଙ୍କ ଫାର୍ମ ହାଉସରେ ସାଙ୍ଗଠନିକ କାର୍ଯ୍ୟ କରୁଛନ୍ତି। ଏଭଳି ସ୍ଥିତିରେ ବାପୁଜୀ ଆଶ୍ରମକୁ ନୂଆ ରୂପ ଦେବା କାର୍ଯ୍ୟ ଚାଲିଥିବାରୁ ସଭାପତି ଜିଲା କାର୍ଯ୍ୟାଳୟକୁ ପ୍ରବେଶର ସମ୍ଭାବନା ଥିବା ଆଲୋଚନା ପରିସରକୁ ଆସିଯାଇଛି। ନବୀକରଣ ପରେ ତାଙ୍କ ନାମ ଥାଇ ଫଳକ ଲଗାଯିବ କି ନାହିଁ ତାହା ମଧ୍ୟ ଚର୍ଚ୍ଚା ହେଉଛି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୫ ଜୁଲାଇ, ୨୦୨୧

## ସଂକ୍ଷେପରେ

### ଫାଣ୍ଡି ସମ୍ମୁଖରେ ମଦ, କୋରେକ୍ସ ବେପାର

**ନୟାଗଡ ଅଫିସ,୪।୭:** ନୟାଗଡ ଜିଲା ଗୋଡିପଡା ଫାଣ୍ଡି ସମ୍ମୁଖରୁ ୨୦ ମିଟର ଦୂରରେ ପ୍ରାୟ ୨୦ ବର୍ଷ ହେଲା ମଦ ଓ କୋରେକ୍ସ ବେପାର ଚାଲିଥିଲା। ଏ ନେଇ କିଛିଦିନ ଧରିତ୍ରୀରେ ଖବର ପ୍ରକାଶନ ପରେ ମଧ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ନ ଥିଲା। ତେବେ ପୋଲିସର ସ୍ପେଶାଲ ସ୍କ୍ୱାଡ୍ କିନ୍ତୁ ରବିବାର ଜଳଖିଆ ଦୋକାନରୁ ୬୦୦ରୁ ଉର୍ଦ୍ଧ କୋରେକ୍ସ ବୋତଲ ଓ ବିଦେଶୀ ମଦ ଜବତ କରିଛି। ବେଆଇନ ଭାବେ ମଦ ଓ କୋରେକ୍ସ ବ୍ୟବସାୟ କରିବା ଅଭିଯୋଗରେ ବ୍ୟବସାୟୀ ଲକ୍ଷ୍ମୀଧର ସାହୁ(୫୦)ଙ୍କୁ ସ୍ପେଶାଲ ସ୍କ୍ୱାଡ୍ ଗିରଫ କରି ତଦନ୍ତ ଜାରି ରଖିଛି। ତେବେ ଜବତ ନିଶା ସମାଗ୍ରୀ ଉପରେ ଠିକ ତଥ୍ୟ ପ୍ରଦାନ କରିନାହିଁ। ଏ ନେଇ ଗୋଡିପଡାର କେତେଜଣ ଲୋକ ନାମ ଗୋପନ ରଖି କହିଛନ୍ତି, ଫାଣ୍ଡି ସମ୍ମୁଖରେ ମଦ ଓ କୋରେକ୍ସ ବ୍ୟବସାୟ ନେଇ ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ ଅବକାରୀ ଓ ପୋଲିସ ଅଭିଯୋଗକୁ ଅଣଦେଖା କରି ଆସୁଥିଲେ। ବରଂ ମଦ ବିକ୍ରେତାଙ୍କୁ ସହଯୋଗ କରୁଥିଲେ।

### ଶ୍ରୀଜୀଉଙ୍କ ପାଇଁ ଆସିଲା ଧଳାଫୁଲ, ତୁଳସୀ

**ଖଣ୍ଡପଡ଼ା,୪।୭(ସ୍ୱ.ପ୍ର.):** ଶ୍ରୀନୀଳମାଧବ ଜୀଉଙ୍କ ପୀଠରେ ବିରାଜିତ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବେ ଅନବସରରେ ରହିଛନ୍ତି। ସେଥିପାଇଁ ବୁଧବାର ୩ ଠାକୁରଙ୍କ ପାଇଁ ଢେଙ୍କାନାଳ ଜିଲା ଓଡ଼ପଡା ବ୍ଲକ୍ ଅଧୀନ ଏକଘରିକିଆ ଗ୍ରାମର ଶରଣ ଶ୍ରୀକ୍ଷେତ୍ରରୁ ବିଭିନ୍ନ ଧଳାଫୁଲ, ତୁଳସୀ ଓ ଫଳ ଆସିଛି। ଭକ୍ତ ଚିଣ୍ଟୁ ବାବା ଏହି ସାମଗ୍ରୀ ଆଣି ଏଠାରେ ପହଞ୍ଚିବା ପରେ ସେବାୟତଙ୍କୁ ଅର୍ପଣ କରିଛନ୍ତି। ସୋମବାର ଠାକୁରଙ୍କ ଖଡିଲାଗି ଉତ୍ସବ ଥିବାରୁ ଚିଣ୍ଟୁବାବା ନିଜ ବାଇକରେ ଉପରୋକ୍ତ ସାମଗ୍ରୀ ନେଇ ଆସିଛନ୍ତି। ନୀଳମାଧବ ପୂଜକ ସମାଜ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି।

### ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

**ଜୟପୁର, ୪।୭ (ନି.ପ୍ର.):** ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରି ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ନେଇ ଜୟପୁର ମହିଳା ଥାନାରେ ରବିବାର ଅଭିଯୋଗ ହୋଇଛି। ପୋଲିସ ୫୨/୨୧ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କୁନ୍ଦୁରା ଥାନା ଅନ୍ତର୍ଗତ କାଳିଆଗୁଡା ଗ୍ରାମର ଉମାଇ ଭତ୍ରା ଗତ ୧୦ ବର୍ଷ ତଳେ ସେହି ଗ୍ରାମର ବନମାଳି ଭତ୍ରାଙ୍କୁ ବିବାହ କରିଥିଲେ। ଗତ ୨ ବର୍ଷ ତଳେ ବନମାଳି ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରି ପ୍ରଥମ ସ୍ତ୍ରୀଉମାଇଙ୍କୁ ନିର୍ଯାତନା ଦେଇ ମାଡ ମାରି ଘରୁ ତଡି ଦେଇଥିଲେ। ଏନେଇ ଉମାଇ ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରାଯାଉଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ଫ୍ରି ଫାୟାର ଖେଳ ନେଲା ଛାତ୍ରଙ୍କ ଜୀବନ

**ନୟାଗଡ ଅଫିସ,୪।୭:** ଫ୍ରି ଫାୟାର ଖେଳ ଜଣକ ପରେ ଜଣଙ୍କ ଜୀବନ ନେଉଛି। ହେଲେ ଏ ନେଇ ସଚେତନତା ଅଭାବରୁ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ଆବୋରି ନେଉଥିବା ଅଭିଯୋଗ ଉଠିଛି। ପ୍ରାପ୍ତ ସସୂଚନା ଅନୁସାରେ, ନୟାଗଡ ନବୋଦୟ ବିଦ୍ୟାଳୟର ଜଣେ ୧୬ ବର୍ଷର ଛାତ୍ର ଏହି ଖେଳ ଖେଳୁଥିଲେ। ସେ ରଶି ଦେଇ ଆତ୍ମହତ୍ୟା କରିବା ପରେ ମୃତକଙ୍କ ପରିବାରରେ ଚୁଲି ଜଳୁନି। ତେବେ ଖଣ୍ଡପଡା ଅଞ୍ଚଳର ଛାତ୍ରଙ୍କ ପରିବାର ଏ ନେଇ ଥାନାରେ ଅଭିଯୋଗ କରି ନ ଥିଲେ ମଧ ସରକାର ଏପରି ଖେଳକୁ ବ୍ୟାନ କରିବାକୁ ନିବେଦନ କରିଛନ୍ତି।

### ବିଶିଷ୍ଟ କବିରାଜ ବାସୁଦେବଙ୍କ ପରଲୋକ

**ଦଶପଲ୍ଲା,୪।୭ (ଡି.ଏନ.ଏ.):** ଦଶପଲ୍ଲା ବ୍ଲକ୍ କଳସାଖମଣ ପଞ୍ଚାୟତ ଉଲିସାହି ଗ୍ରାମର ବିଶିଷ୍ଟ କବିରାଜ ବାସୁଦେବ ସାହୁ (ଧୋବା ଭାଇ)ଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୬୨ବର୍ଷ ବୟସ ହୋଇଥିଲା। ସେ ନିଜେ ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ଥାଇ ମଧ ପ୍ରାୟ ୩୦ବର୍ଷ ଧରି ଲୋକମାନଙ୍କ ଜୀବନ ରକ୍ଷା କରିଥିଲେ। ବିଷାକ୍ତ ସାପ, କଣ୍ଟିଆ ବିଛା ଓ ଅନ୍ୟାନ୍ୟ ଜୀବଜନ୍ତୁ କାମୁଡାରେ ତାଙ୍କ ଚେରମୂଳି ଔଷଧ କାମ କରୁଥିଲା। ସେଥିପାଇଁ ବିଷଝଡ଼ା କବିରାଜ ବୋଲି ସେ ପରିଚିତ ଥିଲେ।

# ୧୩୩ ହାଇସ୍କୁଲରେ ଇ-ଲାଇବ୍ରେରି

**ଗଞ୍ଜାମ ଜିଲା**

**ଛତ୍ରପୁର,୪।୭(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ସମସ୍ତ ହାଇସ୍କୁଲର ଭିତ୍ତିଭୂମି ସୁଦୃଢ଼ ପାଇଁ ପଦକ୍ଷେପ ନିଆଯାଉଛି। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ସରକାରୀ ହାଇସ୍କୁଲଗୁଡିକର ଭିତ୍ତିଭୂମି ଓ ପାଠପଢାର ବିକାଶ ଲାଗି ଜିଲା ପ୍ରଶାସନ ପକ୍ଷରୁ ତ୍ୱରାନ୍ୱିତ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୩୩ ହାଇସ୍କୁଲରେ ଇ-ଲାଇବ୍ରେରି ସ୍ଥାପନ ହେବ। ଏହାର ଭିତ୍ତିଭୂମି କାର୍ଯ୍ୟ ଆରମ୍ଭ ହୋଇଥିବା ପିଡି ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ସୂଚନା ଦେଇଛନ୍ତି। ଶେରଗଡ଼ ବ୍ଲକ କରଡାକଣା ହାଇସ୍କୁଲରେ ଇ-ଲାଇବ୍ରେରି ସ୍ଥାପନ ହୋଇଥିବା ପିଡି ଫଟୋ ସହ ଟୁଇଟ୍ କରି ସୂଚନା ଦେଇଛନ୍ତି। ହାଇସ୍କୁଲଗୁଡିକୁ ଗୋଟିଏ ଲେଖାଏ ମଡେଲ ହାଇସ୍କୁଲରେ ପରିବର୍ତ୍ତନ କରାଯାଉଛି। ମଡେଲ ହାଇସ୍କୁଲରେ ଇ-ଲାଇବ୍ରେରି ବ୍ୟବସ୍ଥା ସହ ସ୍ମାର୍ଟ କ୍ଲାସ, କ୍ରୀଡା ସୁବିଧା, କମ୍ପ୍ୟୁଟର ରୁମ, ସାଇନ୍ସ ଲାବରେଟୋରି, ରିଡିଂ ରୁମ, ପାନୀୟଜଳ ବ୍ୟବସ୍ଥା, ଟଏଲେଟ ଓ ପାଠପଢା ପରିବେଶ ସହ ସବୁ ଆଧୁନିକ ସୁବିଧା ରହିବ। ହାଇସ୍କୁଲଗୁଡିକରେ କ'ଣ ସବୁ ସୁବିଧାର ଆବଶ୍ୟକ ହେଉଛି, ତାହାକୁ ଧ୍ୟାନ ଦିଆଯାଇ ପ୍ଲାନିଂ କରି ସ୍କୁଲ ପରିବର୍ତ୍ତନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି।



ଇ-ଲାଇବ୍ରେରି।

# ଭାଇବୋହୂଙ୍କ ସମେତ ୪ ଗିରଫ

**ଦେଢ଼ଶୁରଙ୍କୁ ହତ୍ୟା ଘଟଣା**

**ଜଗନ୍ନାଥପ୍ରସାଦ,୪।୭(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ଥାନା ପଞ୍ଚଭୂତି ଗ୍ରାମର ବେଢାସାଇରେ ଶନିବାର ସମ୍ପତ୍ତିଭାଗବଣ୍ଟାକୁ ନେଇ ଦେଢ଼ଶୁରଙ୍କୁ କୋଡ଼ିରେ ହାଣି ହତ୍ୟା କରାଯାଇଥିଲା। ଏହି ଘଟଣାରେ ରବିବାର ପୋଲିସ ଭାଇବୋହୂଙ୍କ ସମେତ ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭାଇବୋହୂ ଲକ୍ଷ୍ମୀ ଓ ତାଙ୍କ ବାପା ବଂଶୀଧର ପ୍ରଧାନ, ଦୁଇ ଭାଇ ମନୋଜ, ସୁଶାନ୍ତ। ଏ ନେଇ ପୋଲିସ ନଂ.୨୨୨/୨୧ରେ ମାମଲା ରୁଜୁ କରିଥିଲା। ବିଧବା ଭାଇବୋହୂ ଲକ୍ଷ୍ମୀଙ୍କୁ ଦେଢ଼ଶୁର ସନ୍ତୋଷ ପୈତୃକ ସମ୍ପତ୍ତି ଭାଗ ଦେଉ ନ ଥିଲେ। ତେଣୁ ଲକ୍ଷ୍ମୀ ତାଙ୍କ ଏକମାତ୍ର ୬ ବର୍ଷର ଶିଶୁ କନ୍ୟାକୁ ଧରି ବାପା ଘର କୁମ୍ଭାପଡା ଗ୍ରାମରେ ରହୁଥିଲେ। ସମ୍ପତ୍ତି ଭାଗ ବଣ୍ଟନକୁ ନେଇ କୁଳ ସମାଜ ନିକଟରେ ବହୁବାର ଅଭିଯୋଗ କରିଥିଲେ ମଧ ସନ୍ତୋଷ ସମ୍ପତ୍ତି ଭାଗ ନ ଦେବା ପାଇଁ ଜିଦ୍ ଧରିଥିଲେ। ବହୁ ଅଭାବରେ ବାପା ଘରେ ଲକ୍ଷ୍ମୀ ଦୁଃଖ କଷ୍ଟରେ ଚଳୁଥିଲେ। ଶନିବାର ଲକ୍ଷ୍ମୀ ନିଜର ଦୁଇ ଭାଇ ଓ ବାପାଙ୍କୁ ସାଙ୍ଗରେ ଧରି ପଞ୍ଚଭୂତି ଗ୍ରାମରେ ପହଞ୍ଚି ସମ୍ପତ୍ତି ଭାଗ ମାଗିଥିଲେ। କିନ୍ତୁ ସନ୍ତୋଷ ରାଗିଯାଇ ଲକ୍ଷ୍ମୀଙ୍କ ବାପାଙ୍କ ମୁଣ୍ଡକୁ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଏଥିପାଇଁ ଲକ୍ଷ୍ମୀ ପରିବାର ସହ ମିଶି ସନ୍ତୋଷଙ୍କୁ ହତ୍ୟା କରିଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ବେଳେ ଲକ୍ଷ୍ମୀଙ୍କ ଅସହାୟ ଝିଅ ମଧ ଦୋଷ ନ କରି ମା' ସହ ଜେଲ ଯାଇଥିବା ଜଣାପଡ଼ିଛି।

# କୁର୍ମି କ୍ଷତ୍ରିୟ ସମାଜ ଗୃହ ଉଦ୍‌ଘାଟିତ

**ବୁଗୁଡ଼ା,୪।୭(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଶଙ୍କରୁ ଗ୍ରାମରେ କୁର୍ମି କ୍ଷତ୍ରିୟ ସମାଜ ଗୃହ ଉଦ୍‌ଘାଟିତ ହୋଇଯାଇଛି। ସମାଜ ଗୃହକୁ ପ୍ରଦେଶ ସଦସ୍ୟ ଗଙ୍ଗାଧର ନାୟକ ଉଦ୍‌ଘାଟନ କରିଥିବା ବେଳେ କୁର୍ମି କ୍ଷତ୍ରିୟ ସମାଜ ସଭାପତି ବୀର ବିକ୍ରମାଦିତ୍ୟ ଆରୁଖ ହୋମ କାର୍ଯ୍ୟ ସମ୍ପନ୍ନ କରିଥିଲେ। କାର୍ଯ୍ୟକ୍ରମରେ ଛାମୁଣ୍ଡା ଅଞ୍ଚଳ ସଭାପତି ମୁରଲୀ ନାୟକ, ପ୍ରଦେଶ ସଭ୍ୟ ବଂଶୀଧର ନାୟକ, ପିପୁଲ୍ଲ କଲେଜର ଭାରପ୍ରାପ୍ତ ଅଧକ୍ଷ ହରେକୃଷ୍ଣ ନାୟକ, ସମ୍ପାଦକ ପଦ୍ମନାଭ ନାୟକ ଓ ସଙ୍କରୁ ଗ୍ରାମର ନିଖିଳ ଉତ୍କଳ କୁର୍ମି କ୍ଷତ୍ରିୟ କମିଟି ବୃନ୍ଦ, ସଙ୍କରୁ ଗ୍ରାମ ଓ ଆଖପାଖ ଅଞ୍ଚଳର କୁର୍ମି କ୍ଷତ୍ରିୟ ସଭାପତି ଓ ସମ୍ପାଦକ ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ମହିଳା ପୁରୁଷ।

# ୯ ଖଣ୍ଡ ଗ୍ରାମାଞ୍ଚଳର ସମସ୍ୟା ଦୂର ଲାଗି ଦାବି

**ଖଜୁରିପଡ଼ା,୪।୭(ଡି.ଏନ.ଏ.)**

ଫୁଲବାଣୀଠାରୁ ସଂଯୋଗ ବୌଦ୍ଧ ଜିଲାର ଶେଷ ସୀମାବର୍ତ୍ତିରେ ଥିବା ୯ ଖଣ୍ଡ ଗ୍ରାମର ମୌଳିକ ସମସ୍ୟାର ସମାଧାନ ପାଇଁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ବୈଦ୍ୟନାଥ ବେହେରା ନେତୃତ୍ୱ ନେଇଥିବା ବେଳେ ସମସ୍ତ ମହିଳା ପୁରୁଷ, ଯୁବତୀ ଯୁବକ ଯୋଗଦେଇଥିଲେ। ମେ ୪ରେ ୯ ଖଣ୍ଡ ଗ୍ରାମବାସୀଙ୍କୁ ନେଇ ବୈଠକ ହୋଇଥିଲା। ବୈଠକରେ ରାଣୀପଥରଠାରେ ଆଣି ପିଡ଼ିଏସ ଚାଉଳ, ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯିବା, ବସୁଧା ଯୋଜନାରେ ଟାଙ୍କି ବସାଇ ପାନୀୟ ଜଳଯୋଗାଣ କରିବା, ବିଦ୍ୟୁତ୍ ସମସ୍ୟା ସମାଧାନ ପାଇଁ ହେଲପର୍ ନିଯୁକ୍ତି କରିବା, ଗେଟାମୁଣ୍ଡାର ଅସମ୍ପୂର୍ଣ୍ଣ ସ୍କୁଲଗୃହ ନିର୍ମାଣ କରିବା, ୯ ଖଣ୍ଡ ଗ୍ରାମ ଜିଲାର ଶେଷ ସୀମା ବର୍ତ୍ତିରେ ରହିଥିବାରୁ ଅଧିକ କାମ ଯୋଗାଇଦେବା ଆଦି ପାଞ୍ଚ ଦଫା ଦାବି କରାଯାଇଥିଲା। ଏଥିରୁ ୨ ଦାବି ପୂରଣ ହୋଇ ଚାଉଳ ଓ ଭତ୍ତା ଆଣିକି ଦିଆଯାଉଛି। କିନ୍ତୁ ବଳକା ପୂରଣ ହୋଇନାହିଁ। ଏଥିସହ ୯ ଖଣ୍ଡ ଗ୍ରାମ ଭିତରେ ଏକ କେନ୍ଦୁ ପତ୍ର ଫାଡ଼ି ବସିବା, ରାଣୀପଥରଠାରୁ ଭାୟା ଭାଳିଆପାଡ଼ା ଦେଇ ଖଜୁରିପଡ଼ାକୁ ସଂଯୋଗ ହୋଇଥିବା ରାସ୍ତାର ଉନ୍ନତିକରଣ କରିବା ଓ ବିଦ୍ୟୁତ୍ ସେବା ବୌଦ୍ଧ ଜିଲାକୁ ହସ୍ତାନ୍ତର କରିବାକୁ ଦାବି ଉପସ୍ଥାପନା ହୋଇଥିଲା। ଏହି ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଏକ ୨୫ ଜଣିଆ କମିଟି ଗଠନ କରାଯିବ। ଏହି କମିଟି ମାଧ୍ୟମରେ ୯ ଖଣ୍ଡ ଗ୍ରାମର ସମସ୍ୟା ସମାଧାନ ପାଇଁ ଜିଲା ପ୍ରଶାସନଙ୍କୁ ଅଭିଯୋଗ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଗଲା। ଉକ୍ତ ସମସ୍ୟା ସମାଧାନ ଲାଗି ପ୍ରଶାସନ ସହଯୋଗ ନ କଲେ ଆନ୍ଦୋଳନ କରାଯିବ ବୋଲି ମହିଳା ଗ୍ରୁପ ପ୍ରକାଶ କରିଛନ୍ତି।

# ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ ଜିଲାପାଳ



ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରୁଛନ୍ତି ଜିଲାପାଳ।

**ଆର.ଉଦୟଗିରି,୪।୭(ଡି.ଏନ୍.ଏ.)**

ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଶନିବାର ଆର.ଉଦୟଗିରି ବ୍ଲକ ଗସ୍ତ କରି ବିଭିନ୍ନ ଗ୍ରାମରେ ନିର୍ମାଣ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକୁ ପରିଦର୍ଶନ କରିଥିଲେ। ଏଥିସହ ଅଞ୍ଚଳର ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଜିଲାପାଳ ପ୍ରଥମେ ସିଆଳିଲଟି ପଞ୍ଚାୟତରେ ଥିବା ମାଙ୍କଡ଼ଡିଆଁ ଜଳପ୍ରପାତ ଦେଖି ସେଠାରେ ରାସ୍ତା ନିର୍ମାଣ, ଜଳଯୋଗାଣ ଓ ଟୟଲେଟ୍ ନିର୍ମାଣ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାମଗୁଡିକୁ ଦେଖିବା ସହ କାର୍ଯ୍ୟାଳୟଠାରେ ଗ୍ରାମର ମହିଳା ମଣ୍ଡଳର କିପରି ରୋଜଗାରକ୍ଷମ ହୋଇପାରିବେ, ସେନେଇ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ କାନକଟା ଗ୍ରାମରେ ଆଇଟିଡିଏ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ପଥର ୱାଲ ଦେଖିବା ସହ ଗ୍ରାମବାସୀଙ୍କୁ ସପୁରି ଚାଷ କରିବାକୁ କହିଥିଲେ। ଏହାପରେ ଶବୋରପୋଲି ଜିପିର ଅନୁକୁମ୍ପା ଗ୍ରାମରେ ନିର୍ମାଣ ହୋଇଥିବା ସିମେଣ୍ଟର ଡ୍ରେନ କାମ ଦେଖିବା ସହ ଆମ୍ବଚାଷ ଦେଖି ଗ୍ରାମର ଏସ୍‌ଏଚ୍‌ଜି ମହିଳାଙ୍କୁ ଆମ୍ବରୁ ଆଚାର କରି ବିକ୍ରି କରିବାକୁ ପରାମର୍ଶ ଦେଇଥିଲେ। ବନ୍ତିରିଗୁଡା ଅଞ୍ଚଳର ହେଉଥିବା ଭାଲିଆକୁ କାଜୁ ତିଆରି କରି ବିକ୍ରି କରିବାକୁ ଏସ୍‌ଏଚ୍‌ଜି ମହିଳାଙ୍କୁ ପରାମର୍ଶ ଦେଇଥିଲେ। ପରିଦର୍ଶନରେ ଜିଲା ପିଡି ଡିଆରଡିଏ ଅନାମ ଚରଣ ପାତ୍ର, ସ୍ଥାନୀୟ ବିଡିଓ ପ୍ରଦୀପ କୁମାର ନାୟକ, ବ୍ଲକର ସହକାରୀ ଯନ୍ତ୍ରୀ ବି.ସାନୁଜୁ କୁମାର, ଟିଆର୍‌ଓ ଉଦ୍ୟାନ ବିଭାଗ, କୃଷି ବିଭାଗର ଅଧିକାରୀ, ଏପିଓ ଏବଂ ବ୍ଲକର କନିଷ୍ଠ ଯନ୍ତ୍ରୀମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଅଭିଯୁକ୍ତଙ୍କ ମା'

### ଗଞ୍ଜେଇ ଜବତ ଘଟଣା

**ଗୋପାଳପୁର, ୪।୭**

ଗୋଳନ୍ଥରା ପୋଲିସ ଶନିବାର ଏକ ପେଟ୍ରୋଲ ଟ୍ୟାଙ୍କରରୁ ୩୭୦ କେଜି ଗଞ୍ଜେଇ ଜବତ କରିଥିଲା। ଘଟଣାସ୍ଥଳରୁ ଗାଡ଼ି ଚାଳକ ଓ ହେଲପର ଫେରାର୍ ହୋଇଯାଇଥିବା ବେଳେ ପୋଲିସ ଗୋବିନ୍ଦପୁର ଅଞ୍ଚଳର ଆର. ହରିକୃଷ୍ଣ ରେଡ୍ଡୀଙ୍କୁ ଗିରଫ କରିଥିଲା। ରବିବାର ତାଙ୍କୁ ପୋଲିସ ମାମଲା ନଂ.୧୭୯ /୨୧ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଏ ନେଇ ଅଭିଯୁକ୍ତଙ୍କ ମା' କ୍ଷୀରମଣି ରେଡ୍ଡୀ ଗଞ୍ଜେଇ ଚାଲାଣରେ ହରିକୃଷ୍ଣ ସମ୍ପୃକ୍ତ ନ ଥିବା କହିବା ସହ ପୁଅଙ୍କୁ ମୁକ୍ତ କରିବା ପାଇଁ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ପିନାକୀ ମିଶ୍ରଙ୍କୁ ସାକ୍ଷାତ କରି ଦାବି କରିଛନ୍ତି। ଆରକ୍ଷୀ ଅଧିକ୍ଷକ ବ୍ରହ୍ମପୁର ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ରଙ୍କୁ ଦେଖା କରି ଅଭିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। କ୍ଷୀରମଣିଙ୍କ ଅଭିଯୋଗ ଅନୁଯାଇ, ଗତ ଶୁକ୍ରବାର ରାତିରେ ବଡ ପୁଅ ମାଧବ ଓ ହରିକୃଷ୍ଣ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ତେଣୁ ହରିକୃଷ୍ଣ ରାଗିଯାଇ ନିଜ ସାଙ୍ଗ ଘର ଛତ୍ରପୁର ଯିବି ବୋଲି କହି ରାତିରେ ଘରୁ ଚାଲିଯାଇଥିଲା। ଗୋପାଳପୁର ଛକରେ ଜଣେ ଅଜଣା ଯୁବକ ଲିଫ୍ଟ ମାଗିବାରୁ ତାକୁ ବାଇକ୍‌ରେ ବସାଇ ପୋକଡିବନ୍ଧ ଛକରେ ଛାଡି ହରିକୃଷ୍ଣ ଘରକୁ ଫେରୁଥିବା ବେଳେ ପୋଲିସ ତାଙ୍କୁ ଗଞ୍ଜେଇ ଚାଲାଣ ମାମଲାରେ ଧରିଛି ବୋଲି କହିଥିଲେ। ଏ ନେଇ ଅଧିକ ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ୱାଇଲ୍ଡ ଲାଇଫ୍ ୱାର୍ଡେନ ହେଲେ କୌଶିକ

**ବାଲିଗୁଡା,୪।୭.(ଡି.ଏନ.ଏ.)**

କନ୍ଧମାଳ ଜିଲା ୱାଇଲ୍ଡ ଲାଇଫ୍ ୱାର୍ଡେନ ଭାବେ ବାଲିଗୁଡ଼ାର ବରିଷ୍ଠ ଆଇନଜୀବୀ କୌଶିକ ସାହୁ ମନୋନୀତ ହୋଇଛନ୍ତି। ରାଜ୍ୟ ମୁଖ୍ୟ ୱାଇଲ୍ଡ ଲାଇଫ୍ ଅଧିକାରୀଙ୍କ ଚିଠି ନଂ.୬୦୭୮/୨୧ ପ୍ରକାରେ ୱାଇଲ୍ଡ ଲାଇଫ୍ ୱାର୍ଡେନ ଭାବେ କୌଶିକ ମନୋନୀତ ହୋଇଥିବା ବାଲିଗୁଡା ବନଖଣ୍ଡ ତରଫରୁ ଜଣାପଡିଛି। ପୂର୍ବରୁ ସେ ୱାଇଲ୍ଡ ଲାଇଫ୍ ୱାର୍ଡେନ ରୂପେ ୪ଥର ମନୋନୀତ ହୋଇ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ଏଥିସହ ଜିଲାର ଜଣାଶୁଣା ପରିବେଶବିତ୍, ବନ୍ୟଜନ୍ତୁ ସଂରକ୍ଷକ ଭାବେ ମଧ କୌଶିକ କାର୍ଯ୍ୟ କରି ଆସୁଛନ୍ତି।

# ତାଲୁକା ଆଇନ ସହାୟତା ସଂସ୍ଥା ପକ୍ଷରୁ ଚାରାରୋପଣ



ଲାଲସିଂ ହାଇସ୍କୁଲରେ ଉପସ୍ଥିତ ଅତିଥି।

**ଭଞ୍ଜନଗର,୪।୭(ଡି.ଏନ୍.ଏ.)**

ଭଞ୍ଜନଗର ତାଲୁକା ଆଇନ ସହାୟତା ସଂସ୍ଥା ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ ଚାଲିଛି। ଏଡିଜେ ଡ. ଅରୁଣ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଚାଲିଛି। ଲୋକଙ୍କୁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯାଉଛି। ରବିବାର ଲାଲସିଂ କାହ୍ନୁ ରାଉତ ହାଇସ୍କୁଲ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ନୂଆଗାଁ ହାଇସ୍କୁଲ, ବେଲଗୁଣ୍ଠା ଥାନା ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଲାଲସିଂରେ ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ ପ୍ରଧାନଙ୍କ ସହଯୋଗରେ ଏଡ଼ିଜେ ସାହୁ, ଏସ୍‌ଡ଼ିଜେଏମ୍ ଶିବାନୀ ମିଶ୍ର, ଜେଏମ୍‌ଏଫ୍‌ସି ପ୍ରଜ୍ଞା ରାଉତ, ବିଇଓ ଏସ୍. ଧନଞ୍ଜୟ, ବାର ଆସୋସିଏଶନ ସଭାପତି ସନ୍ତୋଷ ନାୟକ, ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ସହ ସମ୍ପାଦକ ଧିରେନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ବିଚାରପତିଙ୍କ ସମେତ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଡିଏଫଓ ଅଭୟ କୁମାର ଦଳେଇ, ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଏଡ଼ିପିଆରଓ ଫକୀର ମୋହନ ମାଝି, ଯନ୍ତ୍ରୀ ସୁଶାନ୍ତ ସାହୁ,ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର ଅନିଲ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଥାନା ପରିସରରେ ବିଚାରପତିଙ୍କ ସମେତ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଥାନା ଅଧିକାରୀ ପି.କେ.ସାହୁ, ଭଞ୍ଜନଗର ଥାନା ଅଧିକାରୀ ସୁଦୀପ୍ତ ସାହୁ, ପ୍ରମୁଖ ଚାରାରୋପଣ କରିଥିଲେ। ନୁଆଁଗାରେ ବିଚାରପତିଙ୍କ ଉପସ୍ଥିତିରେ ଗ୍ରାମବାସୀ ଚାରାରୋପଣ କରିଥିଲେ।

# ସମସ୍ୟା ନେଇ ବିଡିଓଙ୍କୁ ଭେଟିଲେ ସ୍ୱାସ୍ଥ୍ୟକର୍ମୀ

**ପାରଳାଖେମୁଣ୍ଡି,୪।୭(ଡି.ଏନ.ଏ.)**

ମୋହନା ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ବିଭିନ୍ନ ସମସ୍ୟା ନେଇ ରବିବାର ବିଡିଓ ସାର୍ଥକ ସୌରଭ ମହାପାତ୍ରଙ୍କୁ ଭେଟିଛନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୩୯ ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। ସ୍ୱାସ୍ଥ୍ୟ କର୍ମଚାରୀମାନେ ରୋଗୀଙ୍କୁ ରାତି ଦିନ ସେବା ଯୋଗାଇଥାଆନ୍ତି। କିନ୍ତୁ କର୍ମଚାରୀମାନଙ୍କ ପାଇଁ ଏଠାରେ ରହିବା ପାଇଁ ଭଲ ଘର ନିର୍ମାଣ ହୋଇନାହିଁ। ଫଳରେ ବହୁ ପୁରାତନ ଘରେ କର୍ମଚାରୀମାନେ ରହୁଥିବାରୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନେ ଉକ୍ତ ଘର ଟିଣ, ଆଜବେଷ୍ଟସ୍‌ରୁ ପାଣି ଗଳୁଥିବା ବେଳେ କବାଟଗୁଡ଼ିକ ଭାଙ୍ଗି ଯାଇଛି। ବିଭିନ୍ନ ସମୟରେ ଘରେ ସାପ ବାହାରୁଥିବା କର୍ମଚାରୀମାନେ କହୁଛନ୍ତି। ଏ ସମ୍ପର୍କରେ କର୍ମଚାରୀମାନେ ବହୁବାର ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଓ ନେତା, ମନ୍ତ୍ରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିଲା ନାହିଁ। କିଛି ଦିନ ତଳେ ପୂର୍ବତନ ଜିଲାପାଳ ଅନୁପମ ସାହା ମୋହନା ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଆସି କର୍ମଚାରୀମାନେ ରହୁଥିବା ବାସଗୃହ ଶୀଘ୍ର ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ବର୍ତ୍ତମାନ ସୁଦ୍ଧା ଘର ନିର୍ମାଣ ହୋଇପାରିଲା ନାହିଁ। ତେଣୁ ସ୍ୱାସ୍ଥ୍ୟ କର୍ମଚାରୀମାନେ ମୋହନା ବିଡିଓଙ୍କୁ ସାକ୍ଷାତ୍ କରିଥିଲେ। କର୍ମଚାରୀମାନଙ୍କ ଅଭିଯୋଗ ଶୁଣିବା ପରେ ଜିଲାପାଳଙ୍କ ସହ ଆଲୋଚନା କରି ବ୍ଲକ ପକ୍ଷରୁ ଶୀଘ୍ର କୋଠାଗୁଡ଼ିକୁ ମରାମତି କରାଯିବ ବୋଲି ବିଡିଓ କହିଛନ୍ତି।



ରାଇକିଆରେ ଖୋଲିଥିବା ଚାରା ବିତରଣ କେନ୍ଦ୍ର।

# ୧ ଲକ୍ଷ ଚାରା ବଣ୍ଟନ ଲକ୍ଷ୍ୟ

**ରାଇକିଆ,୪।୭(ଡି.ଏନ.ଏ)**

ରାଇକିଆ ବନ ବିଭାଗ ତରଫରୁ ରବିବାର ବନ ମହୋତ୍ସବ ସପ୍ତାହ ଅବସରରେ ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବିଜୟ ହାଇସ୍କୁଲ ସାମନାରେ ଏକ ସ୍ୱତନ୍ତ୍ର ଷ୍ଟଲ୍ ଖୋଲା ଯାଇ ଚାରା ବଣ୍ଟନ କରଯାଇଥିଲା। ଡିଏଫ୍‌ଓ ଲକ୍ଷ୍ମୀ ନାରାୟଣ ବେହେରା ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସର୍ବସାଧାରଣଙ୍କ ପାଇଁ ୧ ଟଙ୍କାରେ ଚାରା ଦିଆ ଯାଉଥିବା ବେଳେ ସରକାରୀ ଅନୁଷ୍ଠାନ, ବିଦ୍ୟାଳୟ, କଲେଜ ପାଇଁ ମାଗଣାରେ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଗୁଡ୍ରିଘାଷି ନର୍ସରିରୁ ୨୦ ହଜାର, ପୁକିମାହା ନର୍ସରିରୁ ୨୦ ହଜାର, ଆଲିମହା ନର୍ସରିରୁ ୧୦ ହଜାର, ବୁଢ଼ିଆପାଙ୍ଗା ନର୍ସରିରୁ ୩୦ ହଜାର, ଗମାଣ୍ଡି ନର୍ସରିରୁ ୨୦ ହାଜର ଚାରା ବଣ୍ଟନ ପାଇଁ ବ୍ୟବସ୍ଥା କରାଯାଇଛି। ଚାରା ବିତରଣ କେନ୍ଦ୍ରରେ ଶାଗୁଆନ, କାଜୁ, ଡାଳିମ୍ବ, ଅଁଳା, ପାପାୟ, ଆମ୍ବ ଆଦି ଚାରା ଉପଲବ୍ଧ ରହିଛି। କାର୍ଯ୍ୟକ୍ରମରେ ରେଞ୍ଜର ସୁନୀଲ ସାହୁ, ଫରେଷ୍ଟର ମାଣିକେଶରୀ ପଟ୍ଟନାୟକ, ବିଷ୍ଣୁ ପ୍ରସାଦ ରଥ,ଫରେଷ୍ଟ ଗାର୍ଡ ଅଜିତ ଗଣ୍ଡ , ଲିଲି ମଲିକ ଉପସ୍ଥିତ ଥିଲେ।

# ଗଞ୍ଜାମରୁ ଭାଗ ନେବେ ୨୦ ପ୍ରତିଯୋଗୀ

**ଜାତୀୟ ଅନଲାଇନ ଟାଏକୋଣ୍ଡୋ ପୁମ୍‌ସି ପ୍ରତିଯୋଗିତା**

**ଛତ୍ରପୁର,୪।୭(ଡି.ଏନ୍.ଏ.)**

ଇଣ୍ଡିଆ ଟାଏକୋଣ୍ଡୋ ଆନୁକୂଲ୍ୟରେ ସୋମବାରଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ଜାତୀୟ ଅନଲାଇନ୍ ଓପନ ଟାଏକୋଣ୍ଡୋ ପୁମ୍‌ସି ପ୍ରତିଯୋଗିତା ଚାଲିବ। ଏଥିରେ ଗଞ୍ଜାମ ଜିଲାର ୨୦ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିବେ। ସଂଘ ସମ୍ପାଦକ କେ. ମନୋଜ ପ୍ରଧାନ ଏହାର ନେତୃତ୍ୱ ନେବେ। ଛତ୍ରପୁର କେଏମ୍‌ପି ସ୍ପୋର୍ଟ୍ସ ଏକାଡେମୀର ସିନିୟର ବର୍ଗରୁ ରୁଦ୍ରନାରାୟଣ ବେହେରା, ଶୁଭଶ୍ରୀ ପାଢ଼ୀ ଏବଂ ଜୁନିୟର ବର୍ଗରେ ପୀୟୂଷ ପ୍ରସାଦ, ଆର. ଶିରି, ଆର. ରିଶିକା, ତେଜସ୍ୱିନୀ ପାଢ଼ୀ ଏବଂ ସବ୍ ଜୁନିୟର ବର୍ଗରେ ରୁନସି ବେହେରା, ଜି. ସାଇସ୍ୱସ୍ତିକ ରେଡ୍ଡୀ, ସୁଦୀପ୍ତ କୁମାର ସାହୁ ପ୍ରତିଯୋଗିତାରେ ଭାଗ ନେବା ସହ ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀର କୋଚ ଇ. ଲଳିତ କୁମାରଙ୍କ ନେତୃତ୍ୱରେ କ୍ୟାଡେଟ ବର୍ଗରେ ନାରାୟଣ ବେହେରା , ଅମିତ ରାଉଳ, ରୁଦ୍ର ପ୍ରତାପ ସାହୁ, କେ. ଜ୍ୟୋତି ଏବଂ ସବ୍ ଜୁନିୟର ବର୍ଗରେ ଟି. କୀର୍ତ୍ତି ରେଡ୍ଡୀ, ଟି. କାର୍ତ୍ତିକ ରେଡ୍ଡୀ, ଆରବ କୁମାର ବେହେରା, ବ୍ରହ୍ମପୁରରୁ ଜାଗୁଆର ଏକାଡେମୀର କୋଚ୍ ଅମ୍ବିକା ପ୍ରସାଦ ଦାଶଙ୍କ ନେତୃତ୍ୱରେ ସବ୍ ଜୁନିୟର ବର୍ଗରେ ଶୁଭଶ୍ରୀ ନାୟକ, ଅମ୍ଳାନ ପାଢୀ, କ୍ୟାଡେଟ ବର୍ଗରେ ଅଙ୍କିତା ପାତ୍ର, ସୌମ୍ୟ ପ୍ରତାପ ନାୟକ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଓଡ଼ିଶା ଟାଏକୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ ପ୍ରତିଯୋଗୀମାନଙ୍କୁ ଭିଡିଓ କନଫରେନ୍ସରେ ଶୁଭେଚ୍ଛା ଜଣାଇଛନ୍ତି। ଇଣ୍ଡିଆ ଟାଏକୋଣ୍ଡୋ ସୂଚନା ଅନୁସାରେ ଏହି ପ୍ରତିଯୋଗିତା ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାରିତ ହେବ। ପ୍ରତିଯୋଗୀମାନଙ୍କୁ ଜିଲା ସଭାପତି ଶ୍ରୀକାନ୍ତ ମହାନ୍ତିଙ୍କ ସହ ଅନିତା ମିଶ୍ର, ସି.ଏଚ. ପ୍ରସାଦ ନାୟକ, ମନୋଜ ମହାରଣା, ବସୁ ନାୟକ, ଏସ. ଯୁଧିଷ୍ଠିର ରେଡ୍ଡୀ, ଅରୁଣ ରାଉଳ, ଚନ୍ଦନ ପାଢୀ, ଆଲୋକ ବିଷୋୟୀ ଶୁଭେଚ୍ଛା ଜଣାଇଛନ୍ତି।



ପ୍ରତିଯୋଗୀମାନେ।

